# NATIONAL NEWS BULLETIN (ODIA)

**15 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ଓ ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ସବୁଜ ବାଣ ବିକ୍ରି ଏବଂ ଫୁଟାଇବା ନେଇ ନିର୍ଦ୍ଦେଶାବଳୀ ଜାରି କଲେ ସୁପ୍ରିମକୋର୍ଟ

- ବିଭିନ୍ନ ରାଜ୍ୟରେ ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କଲା ବିଜେପି

- ଜନ୍ମବାର୍ଷିକୀ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମଙ୍କୁ ସ୍ମରଣ କଲେ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ରାଜସ୍ଥାନ ଜୈସେଲମେର ଯାତ୍ରୀବାହୀ ବସ୍ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି ।

ଏବଂ

- ଆସନ୍ତାକାଲିଠାରୁ ୩ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

## ଏସସି-ଫାୟାର କ୍ରାକର୍ସ

ଦିଲ୍ଲୀ ଏବଂ ଦିଲ୍ଲୀ ଏନ୍‌ସିଆର ଅଞ୍ଚଳରେ ସବୁଜ ବାଣ ଫୁଟାଇବା ଏବଂ ବିକ୍ରୟ କରିବାକୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ତେବେ ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି

ଦିଆଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ଭୂଷଣ ଆର୍. ଗଭାଇ ଏବଂ ବିଚାରପତି କେ. ବିନୋଦଚନ୍ଦ୍ରଙ୍କ ଖଣ୍ଡପୀଠ କହିଛନ୍ତି, ଉତ୍ସବ ପାଳନ ଏବଂ ପରିବେଶ ସୁରକ୍ଷା ମଧ୍ଯରେ ଏକ ସନ୍ତୁଳିତ ଆଭିମୁଖ୍ୟ ଆଧାରରେ ଏହି ଅନୁମତି ପ୍ରଦାନ କରାଯାଇଛି ।

ସମୟସୀମା ଧାର୍ଯ୍ୟ ଦ୍ୱାରା ପ୍ରଦୂଷଣ ରୋକିବା ସହିତ ସତର୍କତାର ସହ ନିୟନ୍ତ୍ରିତ ବାଣ ଫୁଟାଇବାରେ ସହାୟକ ହେବ ବୋଲି ଖଣ୍ଡପୀଠ କହିଛନ୍ତି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ବୋର୍ଡ ଗୁଡ଼ିକୁ ଏହି ସମୟ ସୀମା ମଧ୍ୟରେ ବାୟୁ ଓ ଜଳ ଗୁଣବତ୍ତା ଉପରେ ନଜର ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲିଠାରୁ ଆସନ୍ତା ୨୧ ତାରିଖ  ମଧ୍ୟରେ ଦିଲ୍ଲୀରେ ବାୟୁର ମାନ ଉପରେ ବାଣର ପ୍ରଭାବ ସଂପର୍କିତ ଏକ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସବୁଜବାଣ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ବିକ୍ରୟ କରାଯାଇ ପାରିବ ଏବଂ ଯାଞ୍ଚ ଦଳଗୁଡ଼ିକ ବାଣ ତିଆରି ଉପରେ ନିୟମିତ ଦୃଷ୍ଟି ଦେବାକୁ ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ସବୁଜ ବାଣର କ୍ୟୁଆର୍ କୋଡ୍ ସରକାରୀ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରିବାକୁ ମଧ କୋର୍ଟ କହିଛନ୍ତି । ଦିଲ୍ଲୀ ଏନ୍‌ସିଆର ପରିସୀମା ବାହାରୁ କୌଣସି ବାଣ ଏହି ଅଞ୍ଚଳରେ ବିକ୍ରୟ କରିବାକୁ ଦିଆଯିବା ଉଚିତ ନୁହେଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

---

## ବିଜେପି-ବାଇପୋଲ୍

ଆଗାମୀ ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛି । ଜାମ୍ମୁ କାଶ୍ମୀର, ଝାଡ଼ଖଣ୍ଡ, ଓଡ଼ିଶା ଓ ତେଲଙ୍ଗାନାର କେତୋଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଜାମ୍ମୁ କାଶ୍ମୀରର ବଡ଼ଗାମ ବିଧାନସଭା ଆସନ ପାଇଁ ଆଗା ସୟଦ ମହସିନ୍ ଏବଂ ନାଗ୍ରୋଟା ଆସନ ପାଇଁ ସୁଶ୍ରୀ ଦେବଯାନି ରାଣା ଦଳ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି । ଓଡ଼ିଶାର ନୂଆପଡ଼ା ଆସନରୁ ଜୟ ଢୋଲକିଆ, ଝାଡ଼ଖଣ୍ଡର ଘାଟସିଲା ଆସନରୁ ବାବୁଲାଲ୍ ସୋରେନ ଏବଂ ତେଲଙ୍ଗାନାର ଜୁବ୍‌ଲୀ ହୁଇଲ୍‌ସ ଆସନରୁ ଲଙ୍କାଲା ଦୀପକ ରେଡ୍ଡୀ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବେ ।

## ବିହାର-ଜେଡିୟୁ ଲିଷ୍ଟ୍

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଜନତା ଦଳ ୟୁନାଇଟେଡ୍-ଜେଡିୟୁ ଆଜି ପ୍ରଥମ ପର୍ଯ୍ୟାୟରେ ୫୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଅନେକ ବିଧାୟକ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଦଳପକ୍ଷରୁ ପୁନର୍ବାର ଟିକଟ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟତମ ସହଯୋଗୀ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ନାଳନ୍ଦାରୁ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ବେଳେ ଦଳର ବରିଷ୍ଠ

ନେତା ତଥା ଜଳସମ୍ପଦ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ସରାଇରଂଜନ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି ।

## ଭିପି ପିଏମ୍-କଲାମ ବାର୍ଥ ଆନିଭର୍ସାରୀ

ପୂର୍ବତନ ରାଷ୍ଟ୍ରପତି, ବିଶିଷ୍ଟ ବୈଜ୍ଞାନିକ ତଥା ଭାରତ ରତ୍ନ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମବାର୍ଷିକୀ ଅବସରରେ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ' ଡକ୍ଟର କଲାମଙ୍କୁ ଜଣେ ଦୂରଦୃଷ୍ଟି ସଂପନ୍ନ ବୈଜ୍ଞାନିକ, ପ୍ରେରଣାଦାୟକ ନେତା ଏବଂ ପ୍ରକୃତ ଦେଶାପ୍ରମୀ ବୋଲି ବର୍ଣ୍ଣନା କରିଛନ୍ତି । ଡକ୍ଟର କଲାମଙ୍କ ନମ୍ରତା, ସରଳ ବ୍ୟକ୍ତିତ୍ୱ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ନିରନ୍ତର ମତ ବିନିମୟ ତାଙ୍କୁ  ଜଣେ ମହାନ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି। ପ୍ରତିରକ୍ଷା, ବିଜ୍ଞାନ ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ନିରନ୍ତର ପ୍ରୟାସ ଭାରତର ସ୍ୱାବଲମ୍ବନଶୀଳତା ପଥକୁ ଅଧିକ ମଜବୁତ କରିଥିଲା ବୋଲି ଉପରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଡକ୍ଟର କଲାମ ଯୁବ ମାନସକୁ ପ୍ରଜ୍ୱଳିତ କରିଥିଲେ ଏବଂ ଦେଶକୁ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଥିଲେ। ତାଙ୍କ ଜୀବନାଦର୍ଶନ ଲୋକଙ୍କୁ ସଫଳତା ପାଇଁ

ନମ୍ରତା ଓ କଠିନ ପରିଶ୍ରମ ସ୍ମରଣ କରାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O (PM)**

## ରାଜସ୍ଥାନ ଆକ୍ସିଡେଣ୍ଟ

ରାଜସ୍ଥାନ ଜୈସେଲମେରରେ ଯାତ୍ରୀବାହୀ ବସ୍ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଜଣେ ୧୦ବର୍ଷର ବାଳକର ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ହୋଇଛି । ଯୋଧପୁରର ମହାତ୍ମା ଗାନ୍ଧୀ ହସ୍ପିଟାଲ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଆହତଙ୍କ ମଧ୍ୟରୁ ୫ ଜଣଙ୍କର ଅବସ୍ଥା ଗୁରୁତର ରହିଛି ।

ଅନ୍ୟପକ୍ଷରେ ଅନେକ ମୃତଦେହ ଗୁରୁତର ଭାବେ ପୋଡ଼ି ଯାଇଥିବା କାରଣରୁ ଚିହ୍ନଣ ପାଇଁ ଯୋଧପୁର ଏବଂ ଜୈସେଲମେର ଡାକ୍ତରଖାନାରେ ଡିଏନ୍ଏ ନମୁନା ସଂଗ୍ରହ ପ୍ରକ୍ରିୟା ଜାରି ରହିଛିନ୍ତ । ଯୋଧପୁର ହସ୍ପିଟାଲର ଅଧୀକ୍ଷକ ଡାକ୍ତର ଫତେ ସିଂ ଭଟି କହିଛନ୍ତି, ଚିହ୍ନଟ ପ୍ରକ୍ରିୟା ପାଇଁ ୨୪ ଘଣ୍ଟା ସମୟ ଲାଗିପାରେ । ସୂଚନାଯୋଗ୍ୟ ଜୈସେଲାମେର-ଯୋଦ୍ଧପୁର ରାଜପଥରେ ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଏକ ଯାତ୍ରୀବାହୀ ବାତାନୁକୁଳିତ ବସ୍‌ରେ ଅଗ୍ନିକାଣ୍ଡ ଘଟିବାରୁ ଘଟଣାସ୍ଥଳରେ ୧୯ ଜଣଙ୍କର ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା । ୫୦ରୁ ଅଧିକ ଲୋକ ଏହି ବସ୍‌ରେ ଯାତ୍ରା କରୁଥିଲେ ।

# ଶ୍ରୀଲଙ୍କା ପିଏମ୍‌-ଇଣ୍ଡିଆ

ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଆମରାସୁରୀୟା ଆସନ୍ତାକାଲିଠାରୁ ୩ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡକ୍ଟର ଆମରାସୁରୀୟାଙ୍କର ଏହା ପ୍ରଥମ ଭାରତ ଗସ୍ତ । ଏହି ଗସ୍ତ ଅବସରରେ ସେ ବିଭିନ୍ନ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଭାରତର ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଡକ୍ଟର ଆମରାସୁରୀୟା  ଦିଲ୍ଲୀରେ ଏନ୍‌ଡିଟିଭି ବିଶ୍ୱ ସମ୍ମିଳନୀ ଓ ଚିନ୍ତନ ଗବେଷଣା ଫାଉଣ୍ଡେସନ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ଶ୍ରୀଲଙ୍କାର ଶିକ୍ଷାବିଭାଗ ନିଜ ଦାୟିତ୍ୱରେ ରଖିଥିବା ଡକ୍ଟର ଆମରାସୁରୀୟା ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ନୂତନ ମାର୍ଗ ଉନ୍ମୋଚନ ଲକ୍ଷ୍ୟ ନେଇ ଆଇଆଇଟି ଦିଲ୍ଲୀ ଏବଂ ନୀତି ଆୟୋଗ କାର୍ଯ୍ୟାଳୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କକୁ ମଜବୁତ କରିବା ପାଇଁ ଡକ୍ଟର ଆମରାସୁରୀୟା ଉଦ୍ୟୋଗୀ ଗୋଷ୍ଠୀଙ୍କ ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ କହିଛି । ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଭାରତ ମହାସାଗର

ଦୃଷ୍ଟିକୋଣ ଏବଂ ପଡ଼ୋଶୀ ପ୍ରଥମ ନୀତିକୁ ଅଧିକ ମଜବୁତ କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

# ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଦ୍ରବ୍ୟ ଓ ସେବାକର ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ସମାଜର ବିଭିନ୍ନ ବର୍ଗର ଲୋକେ ଏହାଦ୍ୱାରା ଉପକୃତ ହେଉଛନ୍ତି । ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ନାଗାଲ୍ୟାଣ୍ଡର ବିଭିନ୍ନ କ୍ଷେତ୍ର କିଭଳି ସଶକ୍ତ  ହୋଇଛି, ଆସନ୍ତୁ ସେ ସଂପର୍କରେ ଶୁଣିବା ।

ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ନାଗାଲ୍ୟାଣ୍ଡର ଅର୍ଥନୀତିକୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ୨୫ଶହ ଟଙ୍କା ପର୍ଯ୍ୟନ୍ତ ହସ୍ତତନ୍ତ ସାଲ୍ ଓ ବସ୍ତ୍ର ଉପରେ ଜିଏସଟି ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ବଜାର ପ୍ରତିଯୋଗିତାକୁଏହା ବୃଦ୍ଧି କରିବା ସହ ବୁଣାକାରଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହୋଇପାରିଛି । ନାଗାଲ୍ୟାଣ୍ଡର ୪୪ ହଜାରରୁ ଅଧିକ ମହିଳା କାରିଗର ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେଉଛନ୍ତି । ୭ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ହୋଟେଲ୍ ରୁମ୍ ଉପରୁ ଜିଏସଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ।

ହସ୍ତଶିଳ୍ପ ସାମଗ୍ରୀ ଉପରେ ଟିକସ ହାର ୫ ପ୍ରତିଶତକୁ ହ୍ରାସ କରାଯିବା ଦ୍ୱାରା ଏ କ୍ଷେତ୍ର ସହିତ ସଂଶ୍ଳିଷ୍ଟ ୧୩ ହଜାରରୁ ଅଧିକ କାରିଗର ଲାଭାନ୍ୱିତ ହେଉଛନ୍ତି । ନାଗାଲ୍ୟାଣ୍ଡର ଅର୍ଥନୀତିରେ କଫି ଏକ ଲୋକପ୍ରିୟ ଉତ୍ପାଦ ।

ଭଜା କଫି ବିନ୍ସ ଉପରେ ଟିକସ ହାର ୫ ପ୍ରତିଶତକୁ ହ୍ରାସ କରାଯିବା ସହ କଫି ଅର୍କ୍ ଉପରେ ମଧ୍ୟ ଜିଏସଟି ହାର ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏଭଳି ପଦକ୍ଷେପ ନାଗାଲ୍ୟାଣ୍ଡର ଅର୍ଥନୀତିକୁ ବୃଦ୍ଧି କରିବା ସହ ରାଜ୍ୟବାସୀଙ୍କ ଜୀବିକାକୁ ଅଧିକ ସମୃଦ୍ଧ କରିପାରିଛି ।

## ବୈଷ୍ଣବ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଏସିଆର ସର୍ବବୃହତ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ରେଳ ପ୍ରଦର୍ଶନୀ  ଆରମ୍ଭ ହୋଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ  ଏହି ଷୋଡ଼ଶ ଆନ୍ତର୍ଜାତିକ ରେଳ ଉପକରଣ ପ୍ରଦର୍ଶନୀ ୨୦୨୫କୁ ଉଦ୍‌ଘାଟନ କରିଛନ୍ତି । ନବସୃଜନ ଓ ନିରନ୍ତର ବିକାଶ ଆଧାରରେ ୧୫ରୁ ଅଧିକ ଦେଶର ୪୫୦ରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ରେଳ ଏବଂ ମେଟ୍ରୋ ଉତ୍ପାଦ ପ୍ରଦର୍ଶନ କରାଯାଉଛି ।

ଏହି ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ରେଳବାଇର ଆଧୁନିକୀକରଣ ଉପରେ ଧ୍ୟାନ  କେନ୍ଦ୍ରୀଭୂତ କରିଛନ୍ତି । ସେ କହିଛନ୍ତି ରେଳବାଇର ଆଧୁନିକୀକରଣ ଦିଗରେ ପ୍ରତିବର୍ଷ ୨ ଲକ୍ଷ ୫୬ ହଜାର କୋଟି ଟଙ୍କା ନିବେଶ କରାଯାଉଛି । ଇତିମଧ୍ୟରେ ପାଖାପାଖି ୩୫ ହଜାର କିଲୋମିଟର ରେଳ ଲାଇନ୍ ନିର୍ମାଣ ଏବଂ ୪୬ ହଜାର କିଲୋମିଟର ରେଳ ଲାଇନ୍ ବିଦ୍ୟୁତିକରଣ କରାଯାଇଛି ବୋଲି ଶ୍ରୀ

ବୈଷ୍ଣବ କହିଛନ୍ତି । ରେଳବାଇ ଏକ ପ୍ରମୁଖ ରପ୍ତାନୀ କେନ୍ଦ୍ର ଭାବରେ ଉଭା ହେଉଛି ଏବଂ ସଂପ୍ରତି ଭାରତରେ ନିର୍ମିତ ଲୋକମୋଟିଭ୍ ଆଫ୍ରିକାକୁ ରପ୍ତାନୀ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ଏହି ଅବସରରେ ଭାରତୀୟ ଶିଳ୍ପ ମହାସଂଘ ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ୍ ବାନାର୍ଜୀ କହିଛନ୍ତି, ଏହି ପ୍ରଦର୍ଶନୀ ଭାରତର ରେଳ ପ୍ରଯୁକ୍ତିବିଦ୍ୟା ଏବଂ ଉତ୍ପାଦନ ଶକ୍ତିକୁ ପ୍ରଦର୍ଶନ କରୁଛି । ସେ କହିଛନ୍ତି, ଏହି ସମ୍ମିଳନୀ ବିଶ୍ୱ ନିବେଶକଙ୍କୁ ସହଭାଗିତା ପାଇଁ ସୁଯୋଗ ପ୍ରଦାନ କରିବ ।